ଆଞ୍ଚଳିକ ପରିଚାଳକ, ୟୁ.ପି. ଏସ୍.ଆର୍.ଟି.ସି., ଇଟାୱା ଏବଂ ଅନ୍ୟମାନେ

ବନାମ

ହୋତି ଲାଲ ଏବଂ ଅନ୍ୟ ଜଣେ

ଫେବୃଆରୀ 11,2003

[ଶିବରାଜ ଭି. ପାଟିଲ୍ ଏବଂ ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ସେବାରୁ ବରଖାସ୍ତ – ଦଣ୍ଡରେ ହସ୍ତକ୍ଷେପ କରିବା ପାଇଁ ନ୍ୟାୟିକ ସମୀକ୍ଷାର ପରିସର – ନିର୍ଣ୍ଣୟ କରାଗଲା, ହସ୍ତକ୍ଷେପର ପରିସର ଅତ୍ୟନ୍ତ ସୀମିତ ଏବଂ କେବଳ ବ୍ୟତିକ୍ରମଧର୍ମୀ ମାମଲାଗୁଡ଼ିକରେ ସୀମାବଦ୍ଧ – ପ୍ରମାଣିତ ଅଭିଯୋଗ ସହ ଦଣ୍ଡ ସଙ୍ଗତିପୂର୍ଣ୍ଣ ନୁହେଁ ବୋଲି କାହିଁକି ମନେ କରାଯାଉଛି, ସେଥିପାଇଁ ନ୍ୟାୟାଳୟ କାରଣ ଲିପିବଦ୍ଧ କରିବା ଆବଶ୍ୟକ – କାରଣ ଉଲ୍ଲେଖ ନ କରିବା ନ୍ୟାୟରୁ ବଞ୍ଚିତ କରିବା ସଦୃଶ ।*

ଉତ୍ତରଦାତା, ଯିଏକି ଜଣେ ବସ୍ କଣ୍ଡକ୍ଟର ଥିଲେ, କର୍ତ୍ତବ୍ୟରେ ଅବହେଳା, କର୍ମଚାରୀ ଆଚରଣ ସଂହିତାର ଉଲ୍ଲଘଂନ ଏବଂ ଯାତ୍ରୀମାନଙ୍କଠାରୁ ଭଡ଼ା ଆଦାୟ କରିବା ସତ୍ତ୍ୱେ ସେମାନଙ୍କୁ ଟିକେଟ୍ ପ୍ରଦାନ ନ କରି ନିଯୁକ୍ତିଦାତାଙ୍କ ଅର୍ଥ ଆତ୍ମସାତ୍ କରିଥିବା କାରଣରୁ ତାଙ୍କ ସେବାରୁ ବରଖାସ୍ତ କରାଯାଇଥିଲା । ବରଖାସ୍ତ ଆଦେଶକୁ ଆପତ୍ତି କରି ଦାଖଲ ହୋଇଥିବା ରିଟ୍ ଆବେଦନରେ, ଉଚ୍ଚ ନ୍ୟାୟାଳୟ ଉତ୍ତରଦାତା କର୍ମଚାରୀଙ୍କୁ ଉକ୍ତ ଅସଦାଚରଣ ପାଇଁ ଦୋଷୀ ବୋଲି ନିଷ୍କର୍ଷ କରିଥିଲେ । ଅପିଲରେ, ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ, ଆରୋପର ଗୁରୁତ୍ୱ ସହିତ ପ୍ରଦତ୍ତ ଦଣ୍ଡ ସମାନୁପାତିକ ନ ଥିବା ଦର୍ଶାଇ, ସେବାରୁ ବହିଷ୍କାର ଆଦେଶକୁ ରଦ୍ଦ କରିଦେଇଥିଲେ।

ଏହି ନ୍ୟାୟାଳୟରେ ଦାଖଲ କରାଯାଇଥିବା ଅପିଲରେ, ଅପିଲକାରୀ-ନିଯୁକ୍ତିଦାତା ଉପସ୍ଥାପନ କରିଥିଲେ ଯେ, ଦଣ୍ଡର ପରିମାଣରେ ହସ୍ତକ୍ଷେପ କରି ଉଚ୍ଚ ନ୍ୟାୟାଳୟ ନିଜର ଅଧିକାର-ପରିସର ଅତିକ୍ରମ କରିଛନ୍ତି ।

ଅପିଲକୁ ଅନୁମତି ପ୍ରଦାନ କରି, ନ୍ୟାୟାଳୟ ଦର୍ଶାଇଛନ୍ତି:

ଦଣ୍ଡର ପରିମାଣ ସମ୍ବନ୍ଧୀୟ ପ୍ରଶ୍ନର ବିଚାର କରିବାବେଳେ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣ ଏହା କାହିଁକି ମନେ କରୁଛନ୍ତି ଯେ, ଆରୋପିତ ଦଣ୍ଡ ପ୍ରମାଣିତ ଅଭିଯୋଗଗୁଡ଼ିକ ସହିତ ସଙ୍ଗତିପୂର୍ଣ୍ଣ ନୁହେଁ, ସେଥିପାଇଁ କାରଣ ଲିପିବଦ୍ଧ କରିବାକୁ ହେବ । ଉଲ୍ଲେଖିତ ପରିସ୍ଥିତିଗୁଡ଼ିକରେ ହସ୍ତକ୍ଷେପ କରିବାର ପରିସର ଅତ୍ୟନ୍ତ ସୀମିତ ଏବଂ କେବଳ ବ୍ୟତିକ୍ରମୀ ମାମଲାରେ ସୀମିତ । ବର୍ତ୍ତମାନ ମାମଲାରେ ଦଣ୍ଡକୁ କାହିଁକି ଅସଙ୍ଗତ ବୋଲି ବିବେଚନା କରାଗଲା, ସେ ସମ୍ବନ୍ଧରେ ଆଦୌ କୌଣସି କାରଣ ଦର୍ଶାଯାଇନାହିଁ । କାରଣଗୁଡ଼ିକ ହେଉଛି ନିଷ୍ପତ୍ତି ଗ୍ରହଣକାରୀଙ୍କର ଚିନ୍ତନ ପ୍ରକ୍ରିୟା, ବିବାଦୀୟ ପ୍ରସଙ୍ଗ ଏବଂ ସେଥିରୁ ଉପନୀତ ନିଷ୍ପତ୍ତି କିମ୍ବା ନିଷ୍କର୍ଷ ମଧ୍ୟରେ ଥିବା ସଜୀବ ସଂଯୋଗ ସୂତ୍ର । କାରଣ ଦର୍ଶାଇବାରେ ବିଫଳତା ନ୍ୟାୟ ପ୍ରଦାନରୁ ବଞ୍ଚିତ କରିବା ସହିତ ସମାନ । କେବଳ ଏତିକି କହିଦେବା ଯେ ଦଣ୍ଡଟି ଅସଙ୍ଗତ, ତାହା ଯଥେଷ୍ଟ ନୁହେଁ । ଦଣ୍ଡ ସଙ୍ଗତିପୂର୍ଣ୍ଣ କିମ୍ବା ଅସଙ୍ଗତ ତାହା ବିଚାର କରିବା ସମୟରେ କେବଳ ସମ୍ପୃକ୍ତ ଅର୍ଥର ପରିମାଣକୁ ନୁହେଁ, ବରଂ ସମ୍ପୃକ୍ତ ବ୍ୟକ୍ତିଙ୍କର ମାନସିକ ପ୍ରବୃତ୍ତି, ସେ ସମ୍ପାଦନ କରୁଥିବା କର୍ତ୍ତବ୍ୟର ପ୍ରକୃତି ଏବଂ ସେହିପରି ଅନ୍ୟାନ୍ୟ ସମ୍ପୃକ୍ତ ପରିସ୍ଥିତିକୁ ମଧ୍ୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବିଚାରକୁ ନିଆଯାଏ । ଯଦି ଅଭିଯୁକ୍ତ କର୍ମଚାରୀ ଏପରି ଏକ ବିଶ୍ୱାସଯୋଗ୍ୟ ପଦବୀରେ କାର୍ଯ୍ୟରତ ଥାଆନ୍ତି, ଯେଉଁଠାରେ ସତ୍ୟନିଷ୍ଠା ଏବଂ ଅଖଣ୍ଡତା କାର୍ଯ୍ୟ ସମ୍ପାଦନର ଅବିଚ୍ଛିନ୍ନ ଆବଶ୍ୟକତା, ତେବେ ଏହିପରି ମାମଲାକୁ କୋହଳ ଦୃଷ୍ଟିଭଙ୍ଗୀରେ ବିଚାର କରିବା ଉଚିତ ହେବ ନାହିଁ। ଏପରି ମାମଲାରେ ଅସଦାଚରଣକୁ କଠୋର ହସ୍ତରେ ଦମନ କରିବାକୁ ହେବ । ଯେଉଁଠାରେ ଜଣେ ବ୍ୟକ୍ତି ସର୍ବସାଧାରଣଙ୍କ ଅର୍ଥ ପରିଚାଳନା କରନ୍ତି, କିମ୍ବା ଆର୍ଥିକ କାରବାରରେ ନିୟୋଜିତ ଥାଆନ୍ତି, ଅଥବା ବିଶ୍ୱସ୍ତ ଦାୟିତ୍ୱରେ କାର୍ଯ୍ୟ କରନ୍ତି, ସେଠାରେ ସର୍ବୋଚ୍ଚ ସ୍ତରର ସତ୍ୟନିଷ୍ଠା ଏବଂ ବିଶ୍ୱସନୀୟତା ଅପରିହାର୍ଯ୍ୟ ଏବଂ ନିର୍ବିବାଦ ଭାବେ ଆବଶ୍ୟକ ।

*ଏସ୍.ସି. ଚତୁର୍ବେଦୀ* ବନାମ *ଭାରତ ସଂଘ ଏବଂ ଅନ୍ୟମାନେ, [1995]* **6 SCC 749; ଭାରତ** ସଂଘ *ଏବଂ ଅନ୍ୟ ଜଣେ ବନାମ ଜି.* ଗଣୟୁଥମ, *[1997] 7* SCC **463; ଓମ୍-କୁମାର ଏବଂ ଅନ୍ୟମାନେ** *ବନାମ ଭାରତ ସଂଘ,* [2001] *2 SCC 386;* **କର୍ଣ୍ଣାଟକ ରାଜ୍ୟ ସଡ଼କ ପରିବହନ** *ନିଗମ ବନାମ ବି.ଏସ୍. ହୁଲ୍ଲିକଟ୍ଟି, [2001]* 2 *SCC 574 ଏବଂ* ଆଞ୍ଚଳିକ **ପରିଚାଳକ, ଆର୍.ଏସ୍.ଆର୍.ଟି.ସି. ବନାମ ଘନଶ୍ୟାମ ଶର୍ମା,** *(2002) 1 LLJ* 234 *ମାମଲାଗୁଡ଼ିକ ଉପରେ* ନିର୍ଭର **କରାଯାଇଛି ।**

*ୟୁ.ପି. ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଅନ୍ୟମାନେ* ବନାମ *ମହେଶ କୁମାର ମିଶ୍ର ଏବଂ ଅନ୍ୟମାନେ,* **[2000] 3 SCC 450 ମାମଲାକୁ ପୃଥକ୍ କରାଯାଇଛି ।**

*ଆଲେକଜାଣ୍ଡାର ମେସିନାରୀ ଡୁଡଲି ଲିମିଟେଡ୍* ବନାମ *କ୍ରାବ୍ଟ୍ରୀ,* **(1974) LCR 120 ମାମଲାର ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5984 /2000

ଲକ୍ଷ୍ନୌସ୍ଥିତ ଆଲାହାବାଦ ଉଚ୍ଚ ନ୍ୟାୟାଳୟର ଲକ୍ଷ୍ନୌ ଖଣ୍ଡପୀଠଙ୍କ ଦ୍ୱାରା ଏସ୍.ଏ. 493/99ରେ 16.12.1999 ତାରିଖରେ ପ୍ରଦତ୍ତ ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପକ୍ଷରୁ ପ୍ରଦୀପ ମିଶ୍ର ଏବଂ ଏ.ଏସ୍.ଜି. ।

ଉତ୍ତରଦାତାଙ୍କ ପକ୍ଷରୁ ସୁଧୀର କୁଲଶ୍ରେଷ୍ଠ ।

**ନ୍ୟାୟମୂର୍ତ୍ତି ଅରିଜିତ ପାଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା । ଏହି ଅପିଲରେ ଉତ୍ତର ପ୍ରଦେଶ ରାଜ୍ୟ ସଡ଼କ ପରିବହନ ନିଗମ (ଏହାପରେ 'ନିଯୁକ୍ତିଦାତା' ବୋଲି ଉଲ୍ଲେଖ କରାଯିବ) ପକ୍ଷରୁ ଉଠାଯାଇଥିବା ଏକମାତ୍ର ପ୍ରଶ୍ନ ହେଉଛି, ଉତ୍ତରଦାତା ସଂଖ୍ୟା 1 ହୋତି ଲାଲ (ଏହାପରେ 'କର୍ମଚାରୀ' ବୋଲି ଉଲ୍ଲେଖ କରାଯିବ)ଙ୍କ ଉପରେ ଆରୋପିତ ଦଣ୍ଡର ପରିମାଣରେ ହସ୍ତକ୍ଷେପ କରିବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ଥିଲେ କି ନାହିଁ ।

ସଂକ୍ଷେପରେ ମାମଲାର ତଥ୍ୟାବଳୀ ନିମ୍ନପ୍ରକାର:

କର୍ମଚାରୀଙ୍କୁ 1.6.1976 ତାରିଖରେ ଜଣେ କଣ୍ଡକ୍ଟର ଭାବେ ନିଯୁକ୍ତ କରାଯାଇଥିଲା । 9.7.1988 ତାରିଖରେ ସେ ବସ୍ ସଂଖ୍ୟା UGG-108ରେ କର୍ତ୍ତବ୍ୟରତ ଥିଲେ । ସହକାରୀ ଆଞ୍ଚଳିକ ପରିଚାଳକଙ୍କ ଦ୍ୱାରା ଯାଞ୍ଚ କରାଯିବା ସମୟରେ,ଏହା ଦେଖିବାକୁ ମିଳିଥିଲା ଯେ 16 ଜଣ ବ୍ୟକ୍ତି ବିନା ଟିକେଟରେ ଥିଲେ । ଯାତ୍ରୀମାନଙ୍କଠାରୁ ଭଡ଼ା ଆଦାୟ କରାଯାଇଥିଲେ ମଧ୍ୟ, ଯାଞ୍ଚ ସମୟ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ଟିକେଟ୍ ପ୍ରଦାନ କରାଯାଇ ନଥିଲା । ଯେତେବେଳେ ଯାଞ୍ଚକାରୀ ଅଧିକାରୀ ଯାଞ୍ଚ ଆରମ୍ଭ କଲେ, ସେତେବେଳେ କର୍ମଚାରୀ ତରବରିଆ ଭାବେ ଯାତ୍ରୀମାନଙ୍କୁ ଟିକେଟ୍ ପ୍ରଦାନ କରିବାକୁ ଚେଷ୍ଟା କଲେ । ପୁନର୍ବାର ବ୍ୟବହାର କରିବାର ଉଦ୍ଦେଶ୍ୟରେ ପୁରୁଣା ଟିକେଟ୍‌ଗୁଡ଼ିକ ତାଙ୍କ କବଜାରୁ ଜବତ କରାଯାଇଥିଲା । ବିଭିନ୍ନ ମୂଲ୍ୟମାନର ଅନେକ ଟିକେଟ୍ ମଧ୍ୟ ତାଙ୍କ କବଜାରୁ ଜବତ କରାଯାଇଥିଲା । କର୍ତ୍ତୃପକ୍ଷଙ୍କ ମତାନୁସାରେ, ଏହି କାର୍ଯ୍ୟଗୁଡ଼ିକ କର୍ତ୍ତବ୍ୟରେ ଅବହେଳା, କର୍ମଚାରୀଙ୍କ ଆଚରଣ ସଂହିତାର ଉଲ୍ଲଂଘନ ଏବଂ ନିଯୁକ୍ତିଦାତାଙ୍କ ଅର୍ଥର ଆତ୍ମସାତ୍ କରିବା ସଦୃଶ ଗୁରୁତର ଅସଦାଚରଣ ବୋଲି ବିବେଚନା କରାଯାଇଥିଲା । 23.7.1988 ତାରିଖରେ କର୍ମଚାରୀଙ୍କୁ ନିଲମ୍ବିତ

କରାଯାଇଥିଲା । ଉପରୋକ୍ତ ଅଭିଯୋଗଗୁଡ଼ିକ ସମେତ ଏକ ଦୋଷାରୋପ ଫର୍ଦ୍ଦ 16.8.1988 ତାରିଖରେ ତାଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଶେଷରେ 30.3.1991 ତାରିଖରେ ସେବାରୁ ବହିଷ୍କାର ଆଦେଶ ପାରିତ କରାଯାଇଥିଲା । ନିର୍ଦ୍ଧାରିତ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ଅପିଲ ଦାଖଲ କରାଯାଇଥିଲା, ଯାହାକୁ 23.6.1991 ତାରିଖର ଆଦେଶ ଦ୍ୱାରା ଖାରଜ କରାଯାଇଥିଲା । ସେବାରୁ ବହିଷ୍କାର ଆଦେଶ ଏବଂ ଅପିଲ ଆଦେଶକୁ ଡବ୍ଲ୍ୟୁପି ସଂଖ୍ୟା 4535 (S/S)/1991ରେ ଦାଖଲ ହୋଇଥିବା ଏକ ଆବେଦନରେ ଆପତ୍ତି କରାଯାଇଥିଲା । ଉକ୍ତ ଆବେଦନକୁ ଏହି ନିଷ୍କର୍ଷ ସହିତ ଖାରଜ କରାଯାଇଥିଲା ଯେ, ଜଣେ ଅବସରପ୍ରାପ୍ତ ଜିଲ୍ଲା ବିଚାରପତିଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଭାଗୀୟ ତଦନ୍ତ ପରିଚାଳିତ ହେବା ପରେ କର୍ମଚାରୀ ଅସଦାଚରଣ ପାଇଁ ଦୋଷୀ ବୋଲି ପ୍ରମାଣିତ ହୋଇଥିଲେ ଏବଂ ଉପଲବ୍ଧ ସାମଗ୍ରୀର ବିଚାର କରିବା ପରେ ଅଭିଯୋଗଗୁଡ଼ିକ ସମ୍ପୂର୍ଣ୍ଣରୂପେ ପ୍ରମାଣିତ ହୋଇଥିବା ଦର୍ଶାଯାଇଥିଲା । କର୍ମଚାରୀଙ୍କ ଦ୍ୱାରା ଏହି ମାମଲାକୁ ଖଣ୍ଡପୀଠଙ୍କ ନିକଟରେ ଅପିଲ ଭାବେ ଉପସ୍ଥାପନ କରାଯାଇଥିଲା ଏବଂ ଆକ୍ଷେପିତ ରାୟ ଦ୍ୱାରା ଖଣ୍ଡପୀଠ ସେବାରୁ ବହିଷ୍କାର ଆଦେଶକୁ ବାତିଲ କରିଦେଇଥିଲେ । ତେବେ, ନିଯୁକ୍ତିଦାତାଙ୍କୁ ଅନ୍ୟ କୌଣସି ଦଣ୍ଡ ପ୍ରଦାନ କରିବା ପାଇଁ ସ୍ୱାଧୀନତା ଦିଆଯାଇଥିଲା, କିନ୍ତୁ ସେବାରୁ ବରଖାସ୍ତ, ସେବା ସମାପ୍ତି କିମ୍ବା ବାଧ୍ୟତାମୂଳକ ଅବସର ଭଳି ଦଣ୍ଡ ନୁହେଁ । ଖଣ୍ଡପୀଠଙ୍କର ନିଷ୍କର୍ଷଗୁଡ଼ିକ ଅନ୍ୟାନ୍ୟ ବିଷୟ ସହିତ ନିମ୍ନପ୍ରକାର:

XXX XXX XXX

"ବର୍ତ୍ତମାନ ମାମଲାରେ ଆବେଦନକାରୀଙ୍କୁ ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ସହିତ ଥିବାର ଏବଂ ତାଙ୍କ କବଜାରୁ କିଛି ପୁରୁଣା ଓ ବ୍ୟବହୃତ ଟିକେଟ୍ ଜବତ ହେବାରୁ ଦୋଷୀ ପାଇଯାଇଥିଲା; କିନ୍ତୁ ବିଜ୍ଞ ମାନନୀୟ ଏକକ ବିଚାରପୀଠଙ୍କ ସମ୍ମୁଖରେ ଏହି ଉପସ୍ଥାପନ କରାଯାଇଥିଲା ଯେ, ଦୋଷାରୋପ ଫର୍ଦ୍ଦ ଜାରି ହେବା ପରେ କୌଣସି ମୌଖିକ ତଦନ୍ତ କରାଯାଇନଥିଲା ଏବଂ ଆବେଦନକାରୀଙ୍କୁ ଦଣ୍ଡିତ କରାଯାଇଥିଲା ।" ଏହି ଉପସ୍ଥାପନ କରାଯାଇଥିଲା ଯେ, ଯେଉଁ ଅଭିଯୋଗିତ ଅସଦାଚରଣ ପାଇଁ ରାଜ୍ୟର କେବଳ Rs. 16 କ୍ଷତି ହୋଇଥିଲା, ସେହି ଅନୁପାତରେ ଆରୋପିତ ଦଣ୍ଡ ଅତ୍ୟଧିକ କଠୋର ଏବଂ ଅସଙ୍ଗତ ଅଟେ । ମାମଲାର ତଥ୍ୟାବଳୀ ଏବଂ ପରିସ୍ଥିତିଗୁଡ଼ିକୁ ବିଚାର କରି, ଆମର ମତ ହେଉଛି ଯେ, ଆବେଦନକାରୀଙ୍କୁ ଦିଆଯାଇଥିବା ଦଣ୍ଡ ଅଭିଯୋଗର ଗମ୍ଭୀରତା ସହିତ ସଙ୍ଗତିପୂର୍ଣ୍ଣ ନୁହେଁ; ତେଣୁ ଆବେଦନକୁ ଅନୁମତି ଦିଆଯିବା ଯୋଗ୍ୟ ।

XXX XXX XXX

ଅପିଲର ସମର୍ଥନରେ ନିଯୁକ୍ତିଦାତାଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଦଣ୍ଡର ପରିମାଣରେ ହସ୍ତକ୍ଷେପ କରି ଉଚ୍ଚ ନ୍ୟାୟାଳୟ ନିଜର ଅଧିକାର-ପରିସର ଅତିକ୍ରମ କରିଛନ୍ତି । ଉଭୟ ବିଜ୍ଞ ଏକକ ବିଚାରପୀଠ ଏବଂ ଖଣ୍ଡପୀଠ ଦର୍ଶାଇଛନ୍ତି ଯେ, ଏକ ବିସ୍ତୃତ ଏବଂ ନିରପେକ୍ଷ ତଦନ୍ତ ପରେ ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇଥିଲା । ଅଭିଯୋଗଗୁଡ଼ିକ ଅତ୍ୟନ୍ତ ଗୁରୁତର ପ୍ରକୃତିର ଥିଲା ଏବଂ ଦଣ୍ଡକୁ କାହିଁକି ଉପଯୁକ୍ତ ବୋଲି ବିବେଚନା କରାଯାଇନଥିଲା, ସେ ସମ୍ବନ୍ଧରେ କୌଣସି କାରଣ ଦର୍ଶାଇବା ବିନା, କମ୍ ଦଣ୍ଡ ଆରୋପ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଯେଉଁ 3ଟି ଦଣ୍ଡକୁ ଆରୋପ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ସେଗୁଡ଼ିକୁ ବାଦ ଦିଆଯାଏ, ତେବେ କେବଳ ସାମାନ୍ୟ ଦଣ୍ଡ ଆରୋପ କରାଯାଇପାରିବ ।

ଅନ୍ୟପକ୍ଷରେ, ଉତ୍ତରଦାତାମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ନିଯୁକ୍ତିଦାତାଙ୍କ ନିଜସ୍ୱ ମାମଲାରେ ଅନ୍ୟ ଜଣେ ପରିଚାଳକଙ୍କ ସମ୍ବନ୍ଧରେ, ପ୍ରାୟ ସମାନ ପରିସ୍ଥିତିରେ ଦିଆଯାଇଥିବା ଏହିପରି ଏକ ନିର୍ଦ୍ଦେଶକୁ ବଜାୟ ରଖାଯାଇଥିଲା । ୟୁ.ପି. ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଅନ୍ୟମାନେ ବନାମ ମହେଶ କୁମାର ମିଶ୍ର ଏବଂ ଅନ୍ୟମାନେ, [2000] 3 SCC 450 ମାମଲା ଉପରେ ନିର୍ଭର କରାଯାଇଥିଲା ।

ପ୍ରଦତ୍ତ ଦଣ୍ଡରେ ହସ୍ତକ୍ଷେପ କରିବାର ପରିସରକୁ ଏହି ନ୍ୟାୟାଳୟ ଦ୍ୱାରା ଅନେକ ମାମଲାରେ ବିଚାର କରାଯାଇଛି । ଏହିପରି କେତେକ ମାମଲାରେ ପ୍ରଯୁଜ୍ୟ ଟିପ୍ପଣୀଗୁଡ଼ିକର ଉଲ୍ଲେଖ କରିବା ଯଥେଷ୍ଟ ହେବ।

*ବି.ସି. ଚତୁର୍ବେଦୀ* ବନାମ ଭାରତ *ସଂଘ ଏବଂ ଅନ୍ୟମାନେ, [1995] 6* SCC 749 ମାମଲାରେ ନିମ୍ନପ୍ରକାର ଦର୍ଶାଯାଇଛି:

> ପରବର୍ତ୍ତୀ ପ୍ରଶ୍ନ ହେଉଛି, ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡରେ ହସ୍ତକ୍ଷେପ କରିବାରେ ନ୍ୟାୟାଧିକରଣ ଯଥାର୍ଥ ଥିଲା କି? ଏହି ନ୍ୟାୟାଳୟର ସାମ୍ବିଧାନିକ ବିଚାରପୀଠ ଷ୍ଟେଟ୍ ଅଫ୍ ଓଡ଼ିଶା ବନାମ ବିଦ୍ୟାଭୂଷଣ ମହାପାତ୍ର ମାମଲାରେ ଦର୍ଶାଇଥିଲେ ଯେ, ପ୍ରମାଣିତ ଅସଦାଚରଣର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଦଣ୍ଡ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କର ଦଣ୍ଡ ଆରୋପ କରିବାର କ୍ଷମତା ଏବଂ ଅଧିକାର-ପରିସର ରହିଛି । ଧାରା 226 ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହି ଦଣ୍ଡର ପୁନଃବୀକ୍ଷଣ କରାଯାଇପାରିବ ନାହିଁ । ଯଦି ଉଚ୍ଚ ନ୍ୟାୟାଳୟ ଏହି ନିଷ୍କର୍ଷରେ ପହଞ୍ଚନ୍ତି ଯେ, ସେହି ନିଷ୍କର୍ଷରେ ପହଞ୍ଚିବା ପାଇଁ କିଛି ପ୍ରମାଣ ଉପଲବ୍ଧ ଥିଲା,

ତେବେ ତାହାର ମୂଲ୍ୟାଙ୍କନ କରାଯାଇପାରିବ ନାହିଁ । ଉପଯୁକ୍ତ ଦଣ୍ଡ ନିର୍ଦ୍ଧାରଣ କରିବାର ଅଧିକାର ଏବଂ ଅସୀମିତ କ୍ଷମତା ଥିବା ରାଜ୍ୟପାଳଙ୍କ ଆଦେଶ ଚୂଡ଼ାନ୍ତ ଅଟେ । ରାଜ୍ୟପାଳଙ୍କୁ ଦଣ୍ଡର ପୁନଃବୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେବାର ଅଧିକାର-ପରିସର ଉଚ୍ଚ ନ୍ୟାୟାଳୟଙ୍କର ନଥିଲା । ଏହା ମଧ୍ୟ ଦର୍ଶାଯାଇଛି ଯେ, ଯଦି ଆଦେଶଟି ଏପରି କୌଣସି ଗୁରୁତର ଅସଦାଚରଣ ସମ୍ବନ୍ଧୀୟ ନିଷ୍କର୍ଷ ଉପରେ ଆଧାରିତ ଥାଏ, ଯାହା ପାଇଁ ଆଇନ ଅନୁଯାୟୀ ଦଣ୍ଡ ଆରୋପ କରାଯାଇପାରେ, ତେବେ ସେହି ଆଧାରଟି ଏକାକୀ ସରକାରୀ କର୍ମଚାରୀଙ୍କୁ ବରଖାସ୍ତ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରିଥାନ୍ତା କି ନାହିଁ, ତାହା ବିଚାର କରିବା ନ୍ୟାୟାଳୟଙ୍କର କାର୍ଯ୍ୟ ନୁହେଁ । ଯଦି ନିଷ୍କର୍ଷଗୁଡ଼ିକ ପ୍ରଥମ ଦୃଷ୍ଟିରେ ଅସଦାଚରଣର ଏକ ମାମଲା ପ୍ରତିଷ୍ଠା କରୁଥାଏ, ତେବେ ଦଣ୍ଡ ଆଦେଶକୁ ପୁନଃବିଚାର କରିବା ପାଇଁ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେବାର ଅଧିକାର ନ୍ୟାୟାଳୟର ନଥିଲା । ଏହି ମତକୁ ଭାରତ ସଂଘ ବନାମ ସରଦାର ବାହାଦୁର, [1972] 4 SCC 618 ମାମଲାରେ ମଧ୍ୟ ପୁନର୍ବାର ଦର୍ଶାଯାଇଛି । ଏହା ସତ୍ୟ ଯେ, *ଭଗତ ରାମ* ବନାମ *ହିମାଚଳ ପ୍ରଦେଶ ରାଜ୍ୟ*, [1983] 2 SCC 442 ମାମଲାରେ ଏହି ନ୍ୟାୟାଳୟର ଦୁଇଜଣ ବିଚାରପତିଙ୍କ ସମନ୍ୱିତ ବିଚାରପୀଠ ଏହା ଦର୍ଶାଇଥିଲେ ଯେ, ଉଚ୍ଚ ନ୍ୟାୟାଳୟ ଅପିଲ ନ୍ୟାୟାଳୟ ଭାବେ କାର୍ଯ୍ୟ କରେ ନାହିଁ; ତଥାପି, ଯେତେବେଳେ ନିଷ୍କର୍ଷଟି ସମ୍ପୂର୍ଣ୍ଣ ଭାବେ ବିକୃତ ଥାଏ, ସେତେବେଳେ ଉଚ୍ଚ ନ୍ୟାୟାଳୟ ସେଥିରେ ସର୍ବଦା ହସ୍ତକ୍ଷେପ କରିପାରିବ । ସେହି ମାମଲାରେ ଏହି ନିଷ୍କର୍ଷ ଦିଆଯାଇଥିଲା ଯେ, ଅପିଲକାରୀଙ୍କୁ ସେହି ଗଛଗୁଡ଼ିକ କାଟିବା କାର୍ଯ୍ୟର ନିରୀକ୍ଷଣ କରିବାର ଦାୟିତ୍ୱ ଦିଆଯାଇଥିଲା, ଯେଉଁଗୁଡ଼ିକରେ ହାମର୍ ଚିହ୍ନ ଦିଆଯାଇ ନଥିଲା । ଅବୈଧ ଭାବେ ଗଛ କାଟିବା ଦ୍ୱାରା ସରକାରଙ୍କୁ ହୋଇଥିବା କ୍ଷତି ସରକାର ଠିକାଦାରଙ୍କଠାରୁ ଆଦାୟ କରିଥିଲେ । ସେହି ପରିସ୍ଥିତିରେ, ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଦୋଷସିଦ୍ଧି ସମ୍ବନ୍ଧୀୟ ନିଷ୍କର୍ଷଟି ବିକୃତ ଥିଲା ଏବଂ ତାହା କୌଣସି ପ୍ରମାଣ ଦ୍ୱାରା ସମର୍ଥିତ ନଥିଲା । ଏହିପରି, ଉକ୍ତ ଅନୁପାତ ଏହି ନିଷ୍କର୍ଷର ଆଧାର ହୋଇପାରିବ ନାହିଁ ଯେ, ପ୍ରତ୍ୟେକ ମାମଲାରେ ନ୍ୟାୟାଳୟ/ନ୍ୟାୟାଧିକରଣଙ୍କୁ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡରେ ହସ୍ତକ୍ଷେପ କରିବାର କ୍ଷମତା ରହିଛି । *ରଙ୍ଗସ୍ୱାମୀ* ବନାମ *ତାମିଲନାଡୁ ରାଜ୍ୟ*, [1989] Supp. 1 SCC 686 ମାମଲାରେ, ଏହି ନ୍ୟାୟାଳୟର 3 ଜଣ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦଣ୍ଡ ଆଦେଶରେ ହସ୍ତକ୍ଷେପ କରିବାର କ୍ଷମତାର ବିଚାର କରିବା ସମୟରେ ଦର୍ଶାଇଥିଲେ ଯେ, ସମ୍ବିଧାନର ଧାରା 136 ଅନୁଯାୟୀ ଅଧିକାରିତା ପ୍ରୟୋଗ କରିବା ସମୟରେ ଏହି

ନ୍ୟାୟାଳୟଙ୍କର ଦଣ୍ଡରେ ପରିବର୍ତ୍ତନ କରିବା କିମ୍ବା ହସ୍ତକ୍ଷେପ କରିବାର କ୍ଷମତା ରହିଛି; ଏବଂ ନ୍ୟାୟାଧିକରଣଙ୍କର କର୍ତ୍ତୃପକ୍ଷଙ୍କ ବିବେକାଧିକାର ପରିବର୍ତ୍ତେ ନିଜର ବିବେକ ପ୍ରୟୋଗ କରିବାର କ୍ଷମତା ନାହିଁ । ଏହା ଦେଖାଯିବ ଯେ, ଏହି ନ୍ୟାୟାଳୟଙ୍କର ଉଦ୍ଦେଶ୍ୟ ଏହା ନଥିଲା ଯେ, କୌଣସି ମାମଲାରେ ଉଚ୍ଚ ନ୍ୟାୟାଳୟ/ନ୍ୟାୟାଧିକରଣଙ୍କର ଶୃଙ୍ଖଳାଗତ କିମ୍ବା ଅପିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡରେ ପରିବର୍ତ୍ତନ କରିବାର କ୍ଷମତା ନାହିଁ । ଏହି ବିବାଦକୁ ପୁନର୍ବାର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମାମଲା, [1994] 2 SCC 537 ରେ ଉପସ୍ଥାପନ କରାଯାଇଥିଲା, ଯେଉଁଠାରେ ନ୍ୟାୟାଳୟ ନ୍ୟାୟିକ ପୁନଃବୀକ୍ଷଣର ପରିସର, ଶୃଙ୍ଖଳାଗତ ମାମଲାରେ ନ୍ୟାୟାଧିକରଣଙ୍କ କ୍ଷମତା ଏବଂ ଦଣ୍ଡର ପ୍ରକୃତି ସମ୍ବନ୍ଧୀୟ ପୂର୍ବ ନିଷ୍ପତ୍ତିଗୁଡ଼ିକର ବିସ୍ତୃତ ସମୀକ୍ଷା କରିଥିଲେ । ସେହି ମାମଲାର ତଥ୍ୟାବଳୀ ଅନୁଯାୟୀ, ଯେହେତୁ ଅପିଲ କର୍ତ୍ତୃପକ୍ଷ ସମ୍ପର୍କିତ ତଥ୍ୟଗୁଡ଼ିକ ପ୍ରତି ଧ୍ୟାନ ଦେଇନଥିଲେ, ତେଣୁ ଉପଯୁକ୍ତ ଦଣ୍ଡ ଆରୋପ କରିବା ପାଇଁ ମାମଲାଟି ଅପିଲ କର୍ତ୍ତୃପକ୍ଷଙ୍କ ନିକଟକୁ ପୁନଃପ୍ରେରିତ କରାଯାଇଥିଲା ।

ଉପରୋକ୍ତ ଆଇନଗତ ସ୍ଥିତିର ସମୀକ୍ଷାରୁ ଏହା ସ୍ପଷ୍ଟ ହେବ ଯେ, ଶୃଙ୍ଖଳାଗତ କର୍ତ୍ତୃପକ୍ଷ ଏବଂ ଅପିଲରେ ଅପିଲ କର୍ତ୍ତୃପକ୍ଷ, ତଥ୍ୟ ନିର୍ଦ୍ଧାରଣକାରୀ କର୍ତ୍ତୃପକ୍ଷ ହୋଇଥିବାରୁ, ଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରମାଣଗୁଡ଼ିକର ବିଚାର କରିବାର ଏକମାତ୍ର କ୍ଷମତା ରଖନ୍ତି । ଅସଦାଚରଣର ପରିମାଣ କିମ୍ବା ଗମ୍ଭୀରତାକୁ ଦୃଷ୍ଟିରେ ରଖି ଉପଯୁକ୍ତ ଦଣ୍ଡ ଆରୋପ କରିବାର ବିବେକାଧିକାର ସେମାନଙ୍କୁ ପ୍ରଦତ୍ତ ହୋଇଛି । ନ୍ୟାୟିକ ପୁନଃବୀକ୍ଷଣର କ୍ଷମତା ପ୍ରୟୋଗ କରିବା ସମୟରେ ଉଚ୍ଚ ନ୍ୟାୟାଳୟ/ନ୍ୟାୟାଧିକରଣ ସାଧାରଣତଃ ଦଣ୍ଡ ସମ୍ବନ୍ଧରେ ନିଜର ନିଷ୍କର୍ଷକୁ ପ୍ରତିସ୍ଥାପିତ କରିପାରିବେ ନାହିଁ ଏବଂ ଅନ୍ୟ କୌଣସି ଦଣ୍ଡ ଆରୋପ କରିପାରିବେ ନାହିଁ । ଯଦି ଶୃଙ୍ଖଳାଗତ କର୍ତ୍ତୃପକ୍ଷ କିମ୍ବା ଅପିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡ ଉଚ୍ଚ ନ୍ୟାୟାଳୟ/ନ୍ୟାୟାଧିକରଣଙ୍କ ବିବେକକୁ ଆଘାତ କରେ, ତେବେ ସେହି ଅନୁଯାୟୀ ପ୍ରତିକାରକୁ ଉପଯୁକ୍ତ ଭାବେ ଗଠନ କରାଯିବ; ଅର୍ଥାତ୍, ଆରୋପିତ ଦଣ୍ଡକୁ ପୁନଃବିଚାର କରିବା ପାଇଁ ଶୃଙ୍ଖଳାଗତ/ଅପିଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇପାରେ, କିମ୍ବା ମକଦ୍ଦମାର ଦୀର୍ଘତାକୁ କମାଇବା ପାଇଁ, ବ୍ୟତିକ୍ରମୀ ଏବଂ ବିରଳ ମାମଲାରେ, ନିଜେ ଯଥାଯଥ ଦଣ୍ଡ ଆରୋପ କରିପାରିବେ, ଯାହାର ସମର୍ଥନରେ ଯୁକ୍ତିଯୁକ୍ତ କାରଣ ଦର୍ଶାଇବା ଆବଶ୍ୟକ ।"

ଭାରତ *ସଂଘ ଏବଂ ଅନ୍ୟ ଜଣେ ବନାମ* ଜି. ଗଣୟୁଥମ୍, *[1997] 7* SCC 463 ମାମଲାରେ ନିମ୍ନପ୍ରକାର ଦର୍ଶାଯାଇଛି:

“ଇଂଲଣ୍ଡର ପ୍ରଶାସନିକ ଆଇନରେ ‘ସମାନୁପାତିକତା’ ସମ୍ବନ୍ଧୀୟ ବର୍ତ୍ତମାନର ଆଇନଗତ ସ୍ଥିତିକୁ ନିମ୍ନପ୍ରକାର ସଂକ୍ଷେପରେ ଉପସ୍ଥାପନ କରାଯାଇପାରେ :

(1) କୌଣସି ପ୍ରଶାସନିକ ଆଦେଶ କିମ୍ବା ବିଧିବଦ୍ଧ ବିବେକାଧିକାରର ବୈଧତାକୁ ପରୀକ୍ଷା କରିବା ପାଇଁ ସାଧାରଣତଃ Wednesbury ପରୀକ୍ଷା ପ୍ରୟୋଗ କରାଯିବ, ଯାହା ଦ୍ୱାରା ଏହା ଜାଣିହେବ ଯେ, ନିଷ୍ପତ୍ତିଟି ଆଇନବିରୁଦ୍ଧ ଥିଲା କି, କିମ୍ବା ପ୍ରକ୍ରିୟାଗତ ତ୍ରୁଟିରେ ପୀଡ଼ିତ ଥିଲା କି, ଅଥବା ତାଙ୍କ ସମ୍ମୁଖରେ ଥିବା ସାମଗ୍ରୀ ଏବଂ ଆଇନର ଢାଞ୍ଚା ମଧ୍ୟରେ କୌଣସି ବିବେକଶୀଳ ନିଷ୍ପତ୍ତିଗ୍ରହଣକାରୀ ଏପରି ନିଷ୍ପତ୍ତିରେ ପହଞ୍ଚିପାରିନଥାନ୍ତା କି । ନ୍ୟାୟାଳୟ ଏହା ବିଚାର କରିବେ ଯେ, ସମ୍ପର୍କିତ ବିଷୟଗୁଡ଼ିକୁ ବିଚାରକୁ ନିଆଯାଇନଥିଲା କିମ୍ବା ଅପ୍ରସଙ୍ଗିକ ବିଷୟଗୁଡ଼ିକୁ ବିଚାରକୁ ନିଆଯାଇଥିଲା କିମ୍ବା କାର୍ଯ୍ୟଟି ସଦ୍‌ଭାବରେ କରାଯାଇନଥିଲା। ନ୍ୟାୟାଳୟ ଏହା ମଧ୍ୟ ବିଚାର କରିବେ ଯେ, ନିଷ୍ପତ୍ତିଟି ଅବାସ୍ତବ କିମ୍ବା ବିକୃତ ଥିଲା କି । କିନ୍ତୁ, ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ଉପଲବ୍ଧ ବିଭିନ୍ନ ବିକଳ୍ପ ମଧ୍ୟରୁ ସେ ଯେଉଁ ବିକଳ୍ପକୁ ବାଛିଛନ୍ତି, ତାହାର ଯଥାର୍ଥତାର ବିଚାର ନ୍ୟାୟାଳୟ କରିବେ ନାହିଁ । ନ୍ୟାୟାଳୟ ମଧ୍ୟ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ପରିବର୍ତ୍ତେ ନିଜର ନିଷ୍ପତ୍ତିକୁ ପ୍ରତିସ୍ଥାପିତ କରିପାରିବେ ନାହିଁ। ଏହାହିଁ Wednesbury (1948 1 KB 223 )ପରୀକ୍ଷା ।

(2) ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଆଇନବିରୁଦ୍ଧ ନ ଥିଲେ, କିମ୍ବା ପ୍ରକ୍ରିୟାଗତ ତ୍ରୁଟିରେ ପୀଡ଼ିତ ନ ଥିଲେ, କିମ୍ବା ଯୁକ୍ତି ଓ ନୈତିକ ମାନଦଣ୍ଡର ସ୍ପଷ୍ଟ ଅବମାନନା ସୂଚିତ କରୁଥିବା ଅର୍ଥରେ ଅଯୁକ୍ତିସଙ୍ଗତ ନ ଥିଲେ, ନ୍ୟାୟାଳୟ ସେଥିରେ ହସ୍ତକ୍ଷେପ କରିବେ ନାହିଁ । ଭବିଷ୍ୟତରେ proportionality ସମେତ ଅନ୍ୟାନ୍ୟ ପରୀକ୍ଷାଗୁଡ଼ିକୁ ଇଂଲଣ୍ଡର ପ୍ରଶାସନିକ ଆଇନରେ ସମ୍ମିଳିତ କରାଯିବାର ସମ୍ଭାବନାକୁ ବାଦ ଦିଆଯାଇନାହିଁ । ଏଗୁଡ଼ିକ CCSU (1985 AC 374) ମାମଲାରେ ପ୍ରତିପାଦିତ ସିଦ୍ଧାନ୍ତ ।

(3)(a) Bugdaycay (1987 AC 514), Brind (1991 (1) AC 696) ଏବଂ Smith (1996 (1) All ER 257) ମାମଲାଗୁଡ଼ିକ ଅନୁଯାୟୀ, ଯେପର୍ଯ୍ୟନ୍ତ Convention କୁ ଇଂଲଣ୍ଡର ଆଇନରେ ସମ୍ମିଳିତ କରାଯାଇନାହିଁ, ସେପର୍ଯ୍ୟନ୍ତ ଇଂରାଜୀ ନ୍ୟାୟାଳୟଗୁଡ଼ିକ କେବଳ ଗୌଣ ବିଚାର ପ୍ରୟୋଗ କରି ଏହା ପରୀକ୍ଷା କରିବେ ଯେ, ନିଷ୍ପତ୍ତିଗ୍ରହଣକାରୀ ତାଙ୍କ

ସମ୍ମୁଖରେ ଥିବା ସାମଗ୍ରୀର ଆଧାରରେ ସେ ଯେପରି ପ୍ରାଥମିକ ନିଷ୍ପତ୍ତିରେ ପହଞ୍ଚିଛନ୍ତି, ସେପରି ନିଷ୍ପତ୍ତିରେ ପହଞ୍ଚିପାରୁଥିଲେ କି ନାହିଁ ।

(3)(b) ଯଦି ଅଭିସମୟକୁ ଇଂଲଣ୍ଡର ଆଇନରେ ସମ୍ମିଳିତ କରାଯାଏ ଏବଂ ତାହା ଦ୍ୱାରା ସମାନୁପାତିକତାର ସିଦ୍ଧାନ୍ତ ପ୍ରୟୋଗଯୋଗ୍ୟ ହୁଏ, ତେବେ ଇଂରାଜୀ ନ୍ୟାୟାଳୟଗୁଡ଼ିକ ପ୍ରଶାସନିକ କାର୍ଯ୍ୟର ବୈଧତା ସମ୍ବନ୍ଧରେ ପ୍ରାଥମିକ ବିଚାର କରିବେ ଏବଂ ଏହା ନିର୍ଣ୍ଣୟ କରିବେ ଯେ, ଲଗାଯାଇଥିବା ପ୍ରତିବନ୍ଧକ ଅସମାନୁପାତିକ କିମ୍ବା ଅତ୍ୟଧିକ କି, ଅଥବା ମୌଳିକ ସ୍ୱାଧୀନତା ଏବଂ ତାହା ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ମଧ୍ୟରେ ଯଥାଯଥ ସନ୍ତୁଳନର ଆଧାରରେ ନୁହେଁ କି।

(4)(a) ଆମ ଦେଶର ପ୍ରଶାସନିକ ଆଇନରେ, ଯେଉଁଠାରେ ଉପରୋକ୍ତ ପ୍ରକାରର କୌଣସି ମୌଳିକ ସ୍ୱାଧୀନତା ସମ୍ପୃକ୍ତ ନୁହେଁ, ସେଠାରେ ନ୍ୟାୟାଳୟ/ନ୍ୟାୟାଧିକରଣ କେବଳ ଗୌଣ ଭୂମିକା ପାଳନ କରିବେ, ଯେତେବେଳେ କି ଯୁକ୍ତିସଙ୍ଗତତା ସମ୍ବନ୍ଧୀୟ ପ୍ରାଥମିକ ନିଷ୍ପତ୍ତି କାର୍ଯ୍ୟପାଳିକା କିମ୍ବା ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ରହିବ । କାର୍ଯ୍ୟପାଳିକା କିମ୍ବା ପ୍ରଶାସନିକ କର୍ତ୍ତୃପକ୍ଷ ପ୍ରାଥମିକ କର୍ତ୍ତୃପକ୍ଷ ଭାବେ ତାଙ୍କର ନିଷ୍ପତ୍ତି ଯୁକ୍ତିସଙ୍ଗତ ଭାବରେ ଗ୍ରହଣ କରିଛନ୍ତି କି ନାହିଁ, ତାହା ପରୀକ୍ଷା କରିବା ପାଇଁ ନ୍ୟାୟାଳୟଙ୍କ ଗୌଣ ବିଚାର Wednesbury ଏବଂ CCSU ସିଦ୍ଧାନ୍ତ ଉପରେ ଆଧାରିତ ହେବ, ଯେପରିକି କ୍ରମଶଃ ଲର୍ଡ ଗ୍ରୀନ୍ ଏବଂ ଲର୍ଡ ଡିପ୍ଲକ୍ ପ୍ରତିପାଦନ କରିଥିଲେ ।

4)(b) ପ୍ରଶାସନିକ କିମ୍ବା କାର୍ଯ୍ୟପାଳିକାର କାର୍ଯ୍ୟ ଦ୍ୱାରା ମୌଳିକ ସ୍ୱାଧୀନତା ପ୍ରଭାବିତ ହେଉଥିବା ମାମଲାରେ, ଆମ ଦେଶର ନ୍ୟାୟାଳୟଗୁଡ଼ିକ "ସମାନୁପାତିକତା"ର ସିଦ୍ଧାନ୍ତ ପ୍ରୟୋଗ କରି ପ୍ରାଥମିକ ଭୂମିକା ଗ୍ରହଣ କରିବେ କି ନାହିଁ, ତାହାକୁ ଖୋଲା ରଖାଯାଉଛି; ଏପରି କୌଣସି ଉପଯୁକ୍ତ ମାମଲାରେ, ଯେଉଁଠାରେ ଏଭଳି କାର୍ଯ୍ୟ ମୌଳିକ ସ୍ୱାଧୀନତାକୁ କ୍ଷୁଣ୍ଣ କରିଥିବାର ଅଭିଯୋଗ କରାଯାଏ, ସେତେବେଳେ ଏହାର ନିଷ୍ପତ୍ତି ନିଆଯିବ। ସେତେବେଳେ ଏହା ନିର୍ଣ୍ଣୟ କରିବା ଆବଶ୍ୟକ ହେବ ଯେ, କେବଳ ଧାରା 19, 21 ଇତ୍ୟାଦି ଅନୁଯାୟୀ ମୌଳିକ ସ୍ୱାଧୀନତା ସମ୍ପୃକ୍ତ ଥିଲେ ନ୍ୟାୟାଳୟଗୁଡ଼ିକ ପ୍ରାଥମିକ ଭୂମିକା ଗ୍ରହଣ କରିବେ କି, ନା କି ଧାରା 14 ସମ୍ବନ୍ଧୀୟ ମାମଲାରେ ମଧ୍ୟ ତାହା ପ୍ରଯୁଜ୍ୟ ହେବ।

ଶେଷରେ, ଆମେ ବର୍ତ୍ତମାନର ମାମଲାକୁ ଆସୁଛୁ। ଆମ ସମ୍ମୁଖରେ ଏହା ଉପସ୍ଥାପନ କରାଯାଇନାହିଁ ଯେ, କୌଣସି ମୌଳିକ ସ୍ୱାଧୀନତା ପ୍ରଭାବିତ ହୋଇଛି।

ଏଣୁ, "ସମାନୁପାତିକତା" ର ପ୍ରଶ୍ନ ଉପରେ ଆଲୋଚନା କରିବାର ଆବଶ୍ୟକତା ନାହିଁ । ଆରୋପିତ ଦଣ୍ଡ ଆଇନବିରୁଦ୍ଧ କିମ୍ବା ପ୍ରକ୍ରିୟାଗତ ଅନିୟମିତତା ଯୋଗୁଁ ଦୂଷିତ ବୋଲି କୌଣସି ଦାବି କରାଯାଇନାହିଁ । "ଅଯୁକ୍ତିସଙ୍ଗତତା" ସମ୍ବନ୍ଧରେ ମଧ୍ୟ ନ୍ୟାୟାଧିକରଣ ଏପରି କୌଣସି ନିଷ୍କର୍ଷ ଦେଇନାହାନ୍ତି ଯେ, ଉକ୍ତ ନିଷ୍ପତ୍ତି ଏପରି ଥିଲା ଯାହାକୁ ସମସ୍ତ ପକ୍ଷ-ବିପକ୍ଷ ବିଚାର କରି କୌଣସି ବିବେକସମ୍ପନ୍ନ ବ୍ୟକ୍ତି ଗ୍ରହଣ କରିପାରିନଥାନ୍ତା; କିମ୍ବା ଉପଲବ୍ଧ ସାମଗ୍ରୀ ଆଧାରରେ ଏପରି କୌଣସି ନିଷ୍କର୍ଷ ମଧ୍ୟ ନାହିଁ ଯେ, ଆରୋପିତ ଦଣ୍ଡ ତର୍କକୁ ସମ୍ପୂର୍ଣ୍ଣ ଭାବରେ ଅବମାନନା କରୁଥିବା ପ୍ରକୃତିର ଥିଲା । ୱେଡନେସବରୀ କିମ୍ବା CCSU ପରୀକ୍ଷାର କୌଣସିଟିର ସର୍ତ୍ତ ମଧ୍ୟ ପୂରଣ ହୋଇନାହିଁ। ତଥାପି, "ରଞ୍ଜିତ ଠାକୁର ବନାମ ଭାରତ ସଂଘ, [1987] 4 SCC 611" ମାମଲାକୁ ସ୍ପଷ୍ଟ କରିବା ଆବଶ୍ୟକ । ରଞ୍ଜିତ ଠାକୁର ମାମଲାରେ, ଏହି ନ୍ୟାୟାଳୟ କେବଳ ସେତେବେଳେ ଆରୋପିତ ଦଣ୍ଡରେ ହସ୍ତକ୍ଷେପ କରିଥିଲେ, ଯେତେବେଳେ ସେମାନେ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ, ଦଣ୍ଡଟି ତର୍କକୁ ସମ୍ପୂର୍ଣ୍ଣ ଭାବରେ ଅବମାନନା କରୁଥିଲା ଏବଂ ନ୍ୟାୟବୋଧକୁ ଆଘାତ ଦେଉଥିଲା । ଏହାକୁ ବିକୃତ ଏବଂ ଅଯୁକ୍ତିସଙ୍ଗତ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଥିଲା । ଅନ୍ୟ ଶବ୍ଦରେ, ଏହି ନ୍ୟାୟାଳୟ ଏହା ମନେ କରିଥିଲେ ଯେ, ସେହି ମାମଲାର ତଥ୍ୟ ଆଧାରରେ ୱେଡନେସବରୀ ଏବଂ CCSU ପରୀକ୍ଷାର ସର୍ତ୍ତଗୁଡ଼ିକ ପୂରଣ ହୋଇଥିଲା । ଅନ୍ୟ ଏକ ମାମଲା, ବି.ସି. ଚତୁର୍ବେଦୀ ବନାମ ଭାରତ ସଂଘ, [1995] 6 SCC 749ରେ, ଏହି ନ୍ୟାୟାଳୟର ତିନିଜଣିଆ ଖଣ୍ଡପୀଠ ମଧ୍ୟ ଏହି ସମାନ ନୀତିକୁ ନିମ୍ନପ୍ରକାର ଦର୍ଶାଇଥିଲେ :

(ଏସସିସିପି. 762, ଅନୁଚ୍ଛେଦ 18)

"18. ...... ଉଚ୍ଚ ନ୍ୟାୟାଳୟ/ନ୍ୟାୟାଧିକରଣ ନ୍ୟାୟିକ ପୁନଃବିଲୋକନ କ୍ଷମତା ପ୍ରୟୋଗ କରିବାବେଳେ ସାଧାରଣତଃ ଦଣ୍ଡ ସମ୍ବନ୍ଧରେ ନିଜସ୍ୱ ନିଷ୍କର୍ଷକୁ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ନିଷ୍କର୍ଷର ସ୍ଥାନରେ ପ୍ରତିସ୍ଥାପିତ କରି ଅନ୍ୟ କୌଣସି ଦଣ୍ଡ ଆରୋପ କରିପାରିବେ ନାହିଁ। ଯଦି ଶୃଙ୍ଖଳାଗତ କର୍ତ୍ତୃପକ୍ଷ କିମ୍ବା ଅପିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡ ଉଚ୍ଚ ନ୍ୟାୟାଳୟ/ନ୍ୟାୟାଧିକରଣର ବିବେକକୁ ଆଘାତ ଦିଏ, ତେବେ ସେ ଉପଯୁକ୍ତ ପ୍ରତିକାର ପ୍ରଦାନ କରିପାରିବେ । ସେଥିପାଇଁ ସେମାନେ ଶୃଙ୍ଖଳାଗତ କର୍ତ୍ତୃପକ୍ଷ/ଅପିଲ କର୍ତ୍ତୃପକ୍ଷଙ୍କୁ ଆରୋପିତ ଦଣ୍ଡର ପୁନର୍ବିଚାର କରିବାକୁ

ନିର୍ଦ୍ଦେଶ ଦେଇପାରିବେ; କିମ୍ବା ମକଦ୍ଦମାକୁ ସଂକ୍ଷିପ୍ତ କରିବା ଉଦ୍ଦେଶ୍ୟରେ, କେବଳ ବ୍ୟତିକ୍ରମଧର୍ମୀ ଏବଂ ବିରଳ ମାମଲାରେ, ସେମାନେ ନିଜେ ମଧ୍ଯ ଉପଯୁକ୍ତ ଦଣ୍ଡ ଆରୋପ କରିପାରିବେ; କିନ୍ତୁ ସେଥିପାଇଁ ଯଥେଷ୍ଟ ଏବଂ ଦୃଢ଼ କାରଣ ଲିପିବଦ୍ଧ କରିବା ଆବଶ୍ୟକ ।"

ଏହିପରି ମତ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ *ଲିମିଟେଡ୍ ବନାମ ଅଶୋକ* କୁମାର *ଅରୋରା, [1997] 3* SCC 72 ମାମଲାରେ ମଧ୍ଯ ଗ୍ରହଣ କରାଯାଇଥିଲା । ସେହି ମାମଲାରେ ଦର୍ଶାଯାଇଥିଲା ଯେ, ଯେପର୍ଯ୍ୟନ୍ତ ଆରୋପିତ ଦଣ୍ଡ ସମ୍ପୂର୍ଣ୍ଣ ଭାବେ ଅସମାନୁପାତିକ ନହୁଏ, ସେପର୍ଯ୍ୟନ୍ତ ନ୍ୟାୟାଳୟ ହସ୍ତକ୍ଷେପ କରିବେ ନାହିଁ ।

ଏପରି ପରିସ୍ଥିତିରେ, ଯେପର୍ଯ୍ୟନ୍ତ ନ୍ୟାୟାଳୟ/ନ୍ୟାୟାଧିକରଣ ତାହାର ଦ୍ୱିତୀୟକ ଭୂମିକା ପାଳନ କରି ଏହି ମତ ପ୍ରକାଶ ନକରନ୍ତି ଯେ, ପ୍ରଶାସକଙ୍କ ସମ୍ମୁଖରେ ଥିବା ସାମଗ୍ରୀକୁ ଦୃଷ୍ଟିରେ ରଖି ତାଙ୍କର ନିଷ୍ପତ୍ତି ୱେଡନେସବରୀ କିମ୍ବା CCSU ନୀତି ଅନୁଯାୟୀ ଅଯୁକ୍ତିସଙ୍ଗତ ଥିଲା, ସେପର୍ଯ୍ୟନ୍ତ ଦଣ୍ଡକୁ ବାତିଲ କରାଯାଇପାରିବ ନାହିଁ । ଏପରି ପରିସ୍ଥିତିରେ ମଧ୍ଯ, ବିଷୟଟିକୁ ପୁନର୍ବିଚାର ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଫେରାଇ ଦିଆଯିବା ଆବଶ୍ୟକ। କେବଳ ବି.ସି. ଚତୁର୍ବେଦୀ ମାମଲାରେ ଦର୍ଶାଯାଇଥିବା ପରି ଅତ୍ୟନ୍ତ ବିରଳ ମାମଲାଗୁଡ଼ିକରେ, ମକଦ୍ଦମାକୁ ସଂକ୍ଷିପ୍ତ କରିବା ଉଦ୍ଦେଶ୍ୟରେ, ନ୍ୟାୟାଳୟ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡର ପରିମାଣ ପରିବର୍ତ୍ତେ ନିଜସ୍ୱ ମତାନୁସାରେ ଦଣ୍ଡର ପରିମାଣ ନିର୍ଦ୍ଧାରଣ କରିବାକୁ ବିଚାର କରିପାରନ୍ତି । (ତଥାପି, ବି.ସି. ଚତୁର୍ବେଦୀ ଏବଂ ସେଥିରେ ଉଲ୍ଲେଖିତ ଅନ୍ୟାନ୍ୟ ମାମଲାରେ ଏହା ସ୍ପଷ୍ଟ କରାଯାଇଛି ଯେ, ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏହି ନ୍ୟାୟାଳୟଙ୍କ କ୍ଷମତା ଭିନ୍ନ ପ୍ରକୃତିର।) ଉପରୋକ୍ତ କାରଣଗୁଡ଼ିକ ଦୃଷ୍ଟିରୁ, ଉତ୍ତରଦାତାଙ୍କ ପକ୍ଷରୁ ଉଦ୍ଧୃତ *ଷ୍ଟେଟ୍ ଅଫ୍ ମହାରାଷ୍ଟ୍ର* ବନାମ *ଏମ୍. ଏଚ୍. ମଜୁମଦାର,* [1988] 2 SCC 52 ମାମଲା ତାଙ୍କୁ କୌଣସି ସହାୟତା କରିପାରିବ ନାହିଁ ।

ଏହିପରି ମତ *ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍* ଲିମିଟେଡ୍ ବନାମ *ଅଶୋକ କୁମାର* ଅରୋରା, [1997] 3 SCC 72 ମାମଲାରେ ମଧ୍ଯ ଗ୍ରହଣ କରାଯାଇଥିଲା। ସେହି ମାମଲାରେ ଦର୍ଶାଯାଇଥିଲା ଯେ, ଯେପର୍ଯ୍ୟନ୍ତ ଆରୋପିତ ଦଣ୍ଡ ସମ୍ପୂର୍ଣ୍ଣ ଭାବେ ଅସମାନୁପାତିକ ନହୁଏ, ସେପର୍ଯ୍ୟନ୍ତ ନ୍ୟାୟାଳୟ ହସ୍ତକ୍ଷେପ କରିବେ ନାହିଁ । ଏପରି ପରିସ୍ଥିତିରେ, ଯେପର୍ଯ୍ୟନ୍ତ ନ୍ୟାୟାଳୟ/ନ୍ୟାୟାଧିକରଣ ତାହାର ଦ୍ୱିତୀୟକ ଭୂମିକା ପାଳନ କରି ଏହି ମତ ପ୍ରକାଶ ନକରନ୍ତି ଯେ, ପ୍ରଶାସକଙ୍କ ସମ୍ମୁଖରେ ଥିବା ସାମଗ୍ରୀକୁ ଦୃଷ୍ଟିରେ ରଖି ତାଙ୍କର ନିଷ୍ପତ୍ତି ୱେଡନେସବରୀ କିମ୍ବା CCSU

ନୀତି ଅନୁଯାୟୀ ଅଯୁକ୍ତିସଙ୍ଗତ ଥିଲା, ସେପର୍ଯ୍ୟନ୍ତ ଦଣ୍ଡକୁ ବାତିଲ କରାଯାଇପାରିବ ନାହିଁ । ଏପରି ପରିସ୍ଥିତିରେ ମଧ୍ୟ, ବିଷୟଟିକୁ ପୁନର୍ବିଚାର ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ଫେରାଇ ଦିଆଯିବା ଆବଶ୍ୟକ । କେବଳ ବି.ସି. ଚତୁର୍ବେଦୀ ମାମଲାରେ ଦର୍ଶାଯାଇଥିବା ପରି ଅତ୍ୟନ୍ତ ବିରଳ ମାମଲାଗୁଡ଼ିକରେ, ମକଦ୍ଦମାକୁ ସଂକ୍ଷିପ୍ତ କରିବା ଉଦ୍ଦେଶ୍ୟରେ, ନ୍ୟାୟାଳୟ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆରୋପିତ ଦଣ୍ଡର ପରିମାଣ ପରିବର୍ତ୍ତେ ନିଜସ୍ୱ ମତାନୁସାରେ ଦଣ୍ଡର ପରିମାଣ ନିର୍ଦ୍ଧାରଣ କରିବାକୁ ବିଚାର କରିପାରନ୍ତି । (ତଥାପି, ବି.ସି. ଚତୁର୍ବେଦୀ ଏବଂ ସେଥିରେ ଉଲ୍ଲେଖିତ ଅନ୍ୟାନ୍ୟ ମାମଲାରେ ଏହା ସ୍ୱଷ୍ଟ କରାଯାଇଛି ଯେ, ଭାରତର ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏହି ନ୍ୟାୟାଳୟଙ୍କ କ୍ଷମତା ଭିନ୍ନ ପ୍ରକୃତିର।) ଉପରୋକ୍ତ କାରଣଗୁଡ଼ିକ ଦୃଷ୍ଟିରୁ, ଉତ୍ତରଦାତାଙ୍କ ପକ୍ଷରୁ ଉଦ୍ଧୃତ *ଷ୍ଟେଟ୍ ଅଫ୍ ମହାରାଷ୍ଟ୍ର* ବନାମ *ଏମ୍. ଏଚ୍. ମଜୁମଦାର,* [1988] 2 SCC 52 ମାମଲା ତାଙ୍କୁ କୌଣସି ସହାୟତା କରିପାରିବ ନାହିଁ ।

ୟୁ.ପି. ଷ୍ଟେଟ୍ ରୋଡ୍ *ଟ୍ରାନ୍ସପୋର୍ଟ କର୍ପୋରେସନ୍ ମାମଲାରେ (ପୂର୍ବୋକ୍ତ) ପ୍ରଦତ୍ତ* ନିଷ୍ପତ୍ତି ଭିନ୍ନ ତଥ୍ୟାତ୍ମକ ପୃଷ୍ଠଭୂମିରେ ଦିଆଯାଇଥିଲା । ସେହି କାରଣରୁ, ତାହା ବର୍ତ୍ତମାନର ମାମଲାର ତଥ୍ୟଠାରୁ ପୃଥକ୍ ଏବଂ ଏହି ମାମଲାରେ ପ୍ରଯୁଜ୍ୟ ନୁହେଁ । କର୍ଣ୍ଣାଟକ ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ *କର୍ପୋରେସନ୍ ବନାମ ବି.ଏସ୍. ହୁଲ୍ଲିକଟ୍ଟି, [2001]* 2 *SCC 574* ମାମଲାରେ ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଯାଞ୍ଚ ସମୟରେ ଯଦି ଏହା ଜଣାପଡ଼େ ଯେ ବସ୍ କଣ୍ଡକ୍ଟରମାନେ ବହୁ ସଂଖ୍ୟକ ଯାତ୍ରୀଙ୍କୁ ଟିକେଟ୍ ଦେବା କଥା ଥିଲେ ମଧ୍ୟ ଟିକେଟ୍ ଦେଇନାହାନ୍ତି କିମ୍ବା ପ୍ରକୃତ ଭଡ଼ା ଜାଣିଥାଇ ମଧ୍ୟ କମ୍ ମୂଲ୍ୟର ଟିକେଟ୍ ଜାରି କରିଛନ୍ତି, ତେବେ ସେପରି ମାମଲାରେ ନ୍ୟାୟାଳୟ ଦ୍ୱାରା କମ୍ ଦଣ୍ଡ ଆରୋପ କରିବା ଭୁଲ ସହାନୁଭୂତି ପ୍ରଦର୍ଶନ କରିବା ସଦୃଶ । ଯାତ୍ରୀମାନଙ୍କଠାରୁ ସଠିକ୍ ଭଡ଼ା ଆଦାୟ କରି ତାହାକୁ ନିଗମ ନିକଟରେ ଜମା କରିବା ବସ୍ କଣ୍ଡକ୍ଟରମାନଙ୍କର ଦାୟିତ୍ୱ । ସେମାନେ ଏକ ବିଶ୍ୱାସଭାଜନ ଭୂମିକାରେ କାର୍ଯ୍ୟ କରନ୍ତି ଏବଂ ଜାଣିଶୁଣି କୌଣସି ଭଡ଼ା କିମ୍ବା ସଠିକ୍ ଭଡ଼ା ଆଦାୟ ନ କଲେ, ତାହା ଗୁରୁତର ଅସଦାଚରଣ ବୋଲି ଗଣ୍ୟ ହେବ । ଶେଷରେ, ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ବରଖାସ୍ତ ଆଦେଶକୁ ବାତିଲ କରାଯିବା ଉଚିତ ନଥିଲା । ଏହି ମତକୁ ତିନିଜଣିଆ ଖଣ୍ଡପୀଠ ରିଜିଓନାଲ୍ ମ୍ୟାନେଜର, ଆର୍.ଏସ୍.ଆର୍.ଟି.ସି. ବନାମ ଘନଶ୍ୟାମ ଶର୍ମା, (2002) 1 LLJ 234 ମାମଲାରେ ପୁନର୍ବାର ଦୋହରାଇଥିଲେ । ସେହି ମାମଲାରେ ଆହୁରି ଦର୍ଶାଯାଇଥିଲା ଯେ, ପ୍ରମାଣିତ କାର୍ଯ୍ୟଗୁଡ଼ିକ ଅସାଧୁତା କିମ୍ବା ଗୁରୁତର ଅବହେଳାର ମାମଲା ସୃଷ୍ଟି କରେ ଏବଂ ଯେଉଁ ବସ୍ କଣ୍ଡକ୍ଟରମାନେ ନିଜ କାର୍ଯ୍ୟ କିମ୍ବା ଅବହେଳା ଯୋଗୁଁ ନିଗମକୁ ଆର୍ଥିକ କ୍ଷତି ପହଞ୍ଚାନ୍ତି, ସେମାନେ

ସେବାରେ ରଖାଯିବାକୁ ଯୋଗ୍ୟ ନୁହନ୍ତି । ଏହା ଉପରେ ବିଶେଷ ଜୋର ଦେବା ଆବଶ୍ୟକ ଯେ, ଦଣ୍ଡର ପରିମାଣ ସମ୍ବନ୍ଧୀୟ ପ୍ରଶ୍ନର ବିଚାର କରିବାବେଳେ ନ୍ୟାୟାଳୟ କିମ୍ବା ନ୍ୟାୟାଧିକରଣଙ୍କୁ ଏହା ସ୍ପଷ୍ଟ କରି କାରଣ ଲିପିବଦ୍ଧ କରିବାକୁ ପଡ଼ିବ ଯେ, ପ୍ରମାଣିତ ଅଭିଯୋଗ ସହିତ ଆରୋପିତ ଦଣ୍ଡ କାହିଁକି ସଙ୍ଗତିପୂର୍ଣ୍ଣ ନୁହେଁ ବୋଲି ସେମାନେ ମନେ କରୁଛନ୍ତି । ଉପରେ ଉଲ୍ଲେଖ କରାଯାଇଥିବା ଅନେକ ମାମଲାରେ ଯେପରି ଦର୍ଶାଯାଇଛି, ହସ୍ତକ୍ଷେପ କରିବାର ପରିସର ଅତ୍ୟନ୍ତ ସୀମିତ ଏବଂ କେବଳ ଉଲ୍ଲେଖିତ ପରିସ୍ଥିତିରେ ବ୍ୟତିକ୍ରମଧର୍ମୀ ମାମଲାଗୁଡ଼ିକରେ ସୀମାବଦ୍ଧ । ଦୁର୍ଭାଗ୍ୟବଶତଃ, ବର୍ତ୍ତମାନର ମାମଲାରେ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରୁ ଉଦ୍ଧୃତ ଅଂଶଗୁଡ଼ିକରୁ ସ୍ପଷ୍ଟ ହେଉଛି ଯେ, ଆରୋପିତ ଦଣ୍ଡକୁ ଅସମାନୁପାତିକ ବୋଲି କାହିଁକି ବିଚାର କରାଯାଇଥିଲା, ସେଥିପାଇଁ କୌଣସି କାରଣ ଆଦୌ ଦର୍ଶାଯାଇନାହିଁ ।

କାରଣଗୁଡ଼ିକ ହେଉଛି ନିଷ୍ପତ୍ତି ଗ୍ରହଣକାରୀଙ୍କ ଚିନ୍ତନ ପ୍ରକ୍ରିୟାକୁ ବିବାଦୀୟ ପ୍ରଶ୍ନ ଏବଂ ସେଥିରେ ଉପନୀତ ନିଷ୍ପତ୍ତି କିମ୍ବା ନିଷ୍କର୍ଷ ସହିତ ସଂଯୋଗ କରୁଥିବା ଜୀବନ୍ତ କଡ଼ି। କାରଣ ଉଲ୍ଲେଖ ନ କରିବା ନ୍ୟାୟରୁ ବଞ୍ଚିତ କରିବା ସଦୃଶ। (ଦେଖନ୍ତୁ, ଆଲେକ୍ସାଣ୍ଡର ମେସିନରୀ ଡୁଡଲି ଲିମିଟେଡ୍ ବନାମ କ୍ରାବ୍ଟ୍ରି, (1974) LCR 120) I କେବଳ "ଦଣ୍ଡଟି ଅସମାନୁପାତିକ" ବୋଲି ଉଲ୍ଲେଖ କରିଦେବା ମାତ୍ର ଯଥେଷ୍ଟ ନୁହେଁ । ନ୍ୟାୟାଳୟ ସମ୍ମୁଖରେ ଉପସ୍ଥିତ ପକ୍ଷକାର ଏହା ଜାଣିବାର ଅଧିକାର ରଖନ୍ତି ଯେ, ନ୍ୟାୟାଳୟ କେଉଁ ପ୍ରଶ୍ନ ଉପରେ ନିଜର ବିଚାର ପ୍ରୟୋଗ କରିଛନ୍ତି । ଦଣ୍ଡ ସମାନୁପାତିକ କିମ୍ବା ଅସମାନୁପାତିକ ବୋଲି ବିଚାର କରିବା ସମୟରେ, କେବଳ ସମ୍ପୃକ୍ତ ଅର୍ଥର ପରିମାଣ ନୁହେଁ, ବରଂ ସମ୍ପୃକ୍ତ କର୍ମଚାରୀଙ୍କ ମାନସିକ ପ୍ରବୃତ୍ତି, ସେ ପାଳନ କରୁଥିବା କର୍ତ୍ତବ୍ୟର ପ୍ରକୃତି ଏବଂ ସେହିପରି ଅନ୍ୟାନ୍ୟ ସମ୍ପୃକ୍ତ ପରିସ୍ଥିତିଗୁଡ଼ିକ ମଧ୍ୟ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ବିଚାରଯୋଗ୍ୟ ଉପାଦାନ ଅଟନ୍ତି । ଯଦି ଅଭିଯୁକ୍ତ କର୍ମଚାରୀ ଏପରି ଏକ ପଦବୀରେ କାର୍ଯ୍ୟରତ ଥାଆନ୍ତି, ଯେଉଁଠାରେ ସତ୍ୟନିଷ୍ଠା ଏବଂ ନୈତିକତା ତାଙ୍କ କର୍ତ୍ତବ୍ୟ ପାଳନର ଅବିଚ୍ଛିନ୍ନ ଆବଶ୍ୟକତା, ତେବେ ସେପରି ମାମଲାରେ କୋହଳ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏପରି ମାମଲାରେ ଅସଦାଚରଣକୁ କଠୋର ହସ୍ତରେ ମୁକାବିଲା କରିବା ଆବଶ୍ୟକ । ଯେଉଁ ବ୍ୟକ୍ତି ସାର୍ବଜନିକ ଅର୍ଥର କାରବାର କରନ୍ତି, କିମ୍ବା ଆର୍ଥିକ କାରବାର ସହ ଜଡ଼ିତ ଥାଆନ୍ତି, କିମ୍ବା ବିଶ୍ୱାସଭାଜନ ଭୂମିକାରେ କାର୍ଯ୍ୟ କରନ୍ତି, ସେମାନଙ୍କଠାରୁ ସର୍ବୋଚ୍ଚ ସ୍ତରର ସତ୍ୟନିଷ୍ଠା ଏବଂ ବିଶ୍ୱସନୀୟତା ଆଶା କରାଯାଏ ଏବଂ ଏହାର କୌଣସି ବ୍ୟତିକ୍ରମ ଗ୍ରହଣଯୋଗ୍ୟ ନୁହେଁ । ଏହି ପୃଷ୍ଠଭୂମିରେ ବିଚାର କଲେ, ଉଚ୍ଚ ନ୍ୟାୟାଳୟର ଦ୍ୱି-ନ୍ୟାୟମୂର୍ତ୍ତି ଖଣ୍ଡପୀଠର ନିଷ୍କର୍ଷଗୁଡ଼ିକ ସଠିକ୍ ବୋଲି ପ୍ରତୀତ ହେଉନାହିଁ । ତେଣୁ, ଆମେ ସେହି ନିଷ୍ପତ୍ତିକୁ ବାତିଲ

କରୁଛୁ ଏବଂ ବରଖାସ୍ତ ଆଦେଶକୁ ବଜାୟ ରଖିଥିବା ଏକକ ନ୍ୟାୟମୂର୍ତ୍ତିଙ୍କ ଆଦେଶକୁ ପୁନଃବହାଲ କରୁଛୁ ।

ଆବେଦନକୁ ଅନୁମତି ଦିଆଯାଇଛି ।

କେ. କେ. ଟି. ଆବେଦନକୁ ଅନୁମତି ଦିଆଗଲା ।

<u>**ଅସ୍ୱୀକରଣ**</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର:</u>*

**ତପସ୍ୱିନୀ ବିଶ୍ୱାଳ, ଅନୁବାଦିକା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକ ।**